# ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ।

## District level Road Safety meeting.

ରାସ୍ତା ଦୁର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମାଇବା ସହ ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ସମ୍ପର୍କରେ 'ଗଠିତ ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ଗତ ୨୦୧୮ ଜାନୁଆରୀ ୧ ତାରିଖରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ସମୁଦାୟ ୪୬୦ଟି ଦୁର୍ଘଟଣା ଘଟି ୪୪୨ ଜଣ ଆହତ ଓ ୨୧୫ ଜଣ ମୃତ୍ୟୁବରଣ କରିଥିବାବେଳେ ଚଳିତ ବର୍ଷ ଜାନୁୟାରୀ ୧ ତାରିଖରୁ ଅଗଷ୍ଟ ମାସ ୩୧ ତାରିଖ ମଧ୍ୟରେ ୨୮୬ଟି ଦୁର୍ଘଟଣା ଘଟି ୨୨୫ ଜଣ ଆହତ ଓ ୧୩୮ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ବୈଠକରେ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଧନଂଜୟ ସେନାପତି ସୂଚନା ପ୍ରଦାନ କରିଥିଲେ । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଦୁର୍ଘଟଣାର ହାର କମ୍ ଥିଲେ ମଧ୍ୟ ଏହା ସନ୍ତୋଷଜନକ ନୁହେଁ । ଏହି ହାରକୁ ଆହୁରି କମାଇବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।



ଦୁର୍ଘଟଣା ବିଶ୍ଳେଷଣରୁ ଜଣାଯାଏ ଯେ, ଜାତୀୟ ରାଜପଥ ୫୫ର ରନ୍ତଲେଇ ଠାରୁ ବର୍ଥରପାଳ ପର୍ଯ୍ୟନ୍ତ ରାସ୍ତାରେ ଚଳିତ ବର୍ଷ ସର୍ବାଧିକ ୭୯ଟି ଦୁର୍ଘଟଣା ଘଟି ୬୬ ଜଣ ଆହତ ହୋଇଥିବା ବେଳେ ୩୬ ଜଣ ମୃତ୍ୟୁବରଣ କରିଛନ୍ତି । ସରକାରଙ୍କ ନିୟମାବଳୀ ଆଧାରରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସଚେତନତା ଶିବିର ଆୟୋଜନ କରିବା ସହ ସ୍ୱେଚ୍ଛାସେବୀ ଓ ଛାତ୍ର ଛାତ୍ରୀମାନଙ୍କ ସହଯୋଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବର୍ଷ ସାରା କରିବାକୁ ସ୍ଥିର କରାଯାଇଛି । ନୂଆ ପରିବହନ ନୀତି ଅନୁଯାୟୀ ଜନସାଧାରଣଙ୍କ ସୁବିଧାମତେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ,ଗୋଷ୍ଠୀ କେନ୍ଦ୍ର ଓ ସହରାଂଚଳର ଜନଗହଳି ପୂର୍ଣ୍ଣ ସ୍ଥାନ ଗୁଡିକରେ ଲର୍ଣ୍ଣି ଲାଇସେନସ୍ କାଉଣ୍ଟର ଖୋଲାଯିବ । ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଲର୍ଣ୍ଣି ଲାଇସେନସ୍,ଡ୍ରାଇଭିଂ ଲାଇସେନସ୍,ଫିଟ୍‌ନେସ୍ ଟେଷ୍ଟ ଓ ଧୂଆଁ ଯାଂଚ ପ୍ରମାଣପତ୍ର ପ୍ରଦାନ ବାବଦରେ ଆବଶ୍ୟକ ଦେୟର ତାଲିକା ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଦର୍ଶିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସରକାର ଆଂଚଳିକ ପରିବହନ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବା ନିମନ୍ତେ ମଧ୍ୟସ୍ଥତା କରୁଥିବା ଲୋକମାନଙ୍କୁ କାର୍ଯ୍ୟାଳୟରୁ ହଟାଉଛନ୍ତି । ଏହି ପରିପ୍ରେକ୍ଷୀରେ ଯେ କୌଣସି ପ୍ରକାର ଅଭିଯୋଗ ଦାଖଲ ନିମନ୍ତେ ହେଲପ୍ ଲାଇନ୍ ନମ୍ବର ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ଆଂଚଳିକ ପରିବହନ ଅଧିକାରୀ ପ୍ରକାଶ କରିଥିଲେ । ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଶାଖା ରାସ୍ତା ସ୍ଥାନରେ ଆବଶ୍ୟକ ସଂକେତିକ ଚିହ୍ନ ଲଗାଇବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଯୁବ ଗୋଷ୍ଠୀମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ମଧ୍ୟରେ ସେମିନାର,ସଚେତନତା ଶିବିର ଓ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏହାଛଡା ରନ୍ତଲେଇରୁ ଭୂଷଣ ପର୍ଯ୍ୟନ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାଗୁଡିକୁ ତୁରନ୍ତ ମରାମତି କରିବାକୁ ପରାମର୍ଶ ଦିଆଯାଇଛି । ଜାତୀୟ ରାଜପଥରେ ପୋଲିସ ପେଟ୍ରୋଲିଂ ନିମନ୍ତେ ୩ଟି ଗାଡି ଯୋଗାଇ ଦେବାକୁ ଉଭୟ ଜାତୀୟ ରାଜପଥ ପ୍ରାଧିକରଣକୁ ପରାମର୍ଶ ଦିଆଯାଇଛି । ଭାରିଯାନ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ ନିମନ୍ତେ ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଅଟୋ ରିକ୍ସାରେ ବିପଦପୂର୍ଣ୍ଣ ଭାବେ ସ୍କୁଲ ପିଲାମାନଙ୍କୁ ପରିବହନ କରାଯାଉଥିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଅସନ୍ତୋଷ ପ୍ରକାଶ ପାଇଥିଲା । ସରକାରଙ୍କ ତରଫରୁ ସ୍କୁଲ ପିଲାଙ୍କ ପରିବହନ ନିମନ୍ତେ ଉଦ୍ଦିଷ୍ଟ ପରିବହନ ନୀତିକୁ କଡାକଡି ପାଳନ କରିବା ସହ ଯେଉଁ ସ୍କୁଲର କର୍ମକର୍ତ୍ତାମାନେ ଏହି ଆଇନ୍ ଅବମାନନା କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଗତମାସ ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ଜାତୀୟ ରାଜପଥ ପ୍ରାଧିକରଣ ଓ ଗାୟତ୍ରୀ କନ୍‌ଷ୍ଟ୍ରକସନ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ପାର୍କିଂ ନିମନ୍ତେ ଉକ୍ତ ସ୍ଥାନକୁ ଚଉଡା କରିବାକୁ ପରାମର୍ଶ ଦିଆଯାଇଛି । ଦ୍ରୁତ ଗତିରେ ଗାଡି ଓ ମଦ୍ୟପାନ କରି ଗାଡି ଚଲାଇବା ତଥା ଗାଡି ଚାଳନା ସମୟରେ ମୋବାଇଲରେ କଥା ହେବା ସହ ହେଲମେଟ୍ ବ୍ୟବହାର ନ କରୁଥିବା ଚାଳକମାନଙ୍କ ଲାଇସେନ୍ସ ରଦ୍ଦ କରିବା ସହ ଏହି କାର୍ଯ୍ୟକୁ ନିୟମିତ କଡାକଡି ଭାବେ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା,ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣର ଜି ଏମ୍ ଶ୍ରୀ ଆର ଭେଙ୍କଟେଶ୍ୱର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର ଜି ଏମ୍ ଶ୍ରୀ ପି କେ ଭାରତୀ ଓ ସ୍ୱେଚ୍ଛାସେବୀ ଶ୍ରୀ କଲ୍ୟାଣ କିଶୋର ମହାନ୍ତି,ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ ଗାୟତ୍ରୀ କନ୍‌ଷ୍ଟ୍ରକସନ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।